# ଅଞ୍ଚଳରେ ହେବ ପ୍ରମୁଖ ଆକର୍ଷଣ

## ୬୬ ବର୍ଷରେ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା

- ଚଳିତବର୍ଷ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ
- କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ
- ନଭେମ୍ବର ୧ରେ କଳସଯାତ୍ରା, ୨ରୁ ପୂଜା ଆରମ୍ଭ



**ବଇଣ୍ଡା,୨୯।୧୦(ପରିକ୍ଷିତ ସାହୁ)**

ସଜେଇ ହେଉଛି ବଇଣ୍ଡା। ଧୁମ୍‌ଧାମରେ ପାଳନ ହେବ କାର୍ତ୍ତିକେଶ୍ୱର ପୂଜା। ଚଳିତବର୍ଷ ଏହି ପୂଜା ୬୬ ବର୍ଷରେ ପଦାର୍ପଣ କରୁଛି। ତେଣୁ ଏହାକୁ ଆଡ଼ମ୍ବରପୂର୍ଣ୍ଣ କରାଯିବାକୁ ଚାଲିଛି ପ୍ରସ୍ତୁତି। ମଣ୍ଡପ ଠାରୁ ଗାଁ ସବୁଠି ଲାଗୁଛି ରଙ୍ଗିନ ଆଲୋକମାଳା। ଆଖି ଝଲସାଇଦେବା ଭଳି ନିର୍ମାଣ କରାଯାଉଛି ତୋରଣ। ନଭେମ୍ବର ୧ରେ କଳସଯାତ୍ରା ଓ ୨ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପୂଜା ଏଥର ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ହେବ ପ୍ରମୁଖ ଆକର୍ଷଣ।

ପୂଜା କମିଟି ପକ୍ଷରୁ କୁହାଯାଇଛି, ୧୯୫୯ ମସିହାରେ ବଇଣ୍ଡା ଗ୍ରାମରେ ଆରମ୍ଭ ହୋଇଥିଲା କାର୍ତ୍ତିକେଶ୍ୱର ପୂଜା। ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଗ୍ରାମର ପ୍ରଭୁଦୟାଲ ଅଗ୍ରୱାଲା, ଭାବଗ୍ରାହୀ ସାହୁ, ସୁଧାକର ଶଙ୍ଖାରୀ, ସନାତନ ସାହୁ, ଅନୁକୁଳିଆ ସାହୁ, ଅନିରୁଦ୍ଧ ବେହେରା, ଗୋବିନ୍ଦ ବେହେରା, ଆନନ୍ଦମୁଣ୍ଡା ଗ୍ରାମର ନାରାୟଣ ପ୍ରଧାନ, ଧନେଶ୍ୱର ପ୍ରଧାନ, ରସାନନ୍ଦ ପ୍ରଧାନ, ପଦ୍ମନାଭ ପ୍ରଧାନ, କଦଳୀମୁଣ୍ଡା ଗ୍ରାମର ଇନ୍ଦ୍ରମଣି ପ୍ରଧାନ, ଡେବେରାପାଲି ଗ୍ରାମର ଭିକାରି ମିଶ୍ର ମିଶି ପୂଜା ଆରମ୍ଭ କରିଥିଲେ। ସେହି ସମୟରେ ଗ୍ରାମର କଳାକାରଙ୍କୁ ନେଇ ଡ୍ରାମା କରାଯାଉଥିବା ବେଳେ ଏହି ପୂଜା କରିବା ପାଇଁ ତ୍ରିଲୋଚନ ଚିନ୍ତା କରିଥିଲେ। ଫଳରେ ସେବେଠାରୁ ଗ୍ରାମବାସୀ କାର୍ତ୍ତିକେଶ୍ୱର ପୂଜା ପାଳନ କରି ଆସୁଛନ୍ତି। ପ୍ରଥମେ ୧ ହଜାର ଟଙ୍କାରେ ପୂଜା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ବ୍ୟୟ ଅଟକଳ ୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ବଇଣ୍ଡା ଅଞ୍ଚଳର ମୂର୍ତ୍ତି କାରିଗର କାଳିଆ ସାହୁ ୭ ଫୁଟ ଉଚ୍ଚତାର ମୂର୍ତ୍ତି ଓ ୧୫ ଫୁଟର ସିନେରି ସହ ମେଢ଼ ତିଆରି କରୁଛନ୍ତି। ଆସନ୍ତା ନଭେମ୍ବର ୧ରେ କଳସ ଯାତ୍ରା କରାଯିବାର କାର୍ଯ୍ୟକ୍ରମ ଥିବାବେଳେ ୨ ତାରିଖଠାରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହେବ। ଏଥିସହ ବୋଇତ ବନ୍ଦାଣ କରାଯିବାର ନିଷ୍ପତ୍ତି ହୋଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ବଇଣ୍ଡା ଅଞ୍ଚଳର କୁନିକୁନି କଳାକାରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ପୂଜା କୁଇଜ୍ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଦିନ ୨୦୦ ବାଟୋଇଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯିବ। ଗୋଟିଏ ଦିନ ୩ ହଜାର ଲୋକଙ୍କୁ ରାଜଭୋଗ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପୂଜା ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ଆକର୍ଷଣୀୟ ହେଉଥିବା ବେଳେ ଚଳିତବର୍ଷ କିଭଳି ବ୍ଲକବାସୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ, ସେଥିପାଇଁ ବଇଣ୍ଡା ଗ୍ରାମବାସୀ, ବଇଣ୍ଡା ବିକାଶ ପରିଷଦ କର୍ମକର୍ତ୍ତାମାନେ ଲାଗିପଡ଼ିଛନ୍ତି। ସେହିପରି ଭସାଣି ଉସବକୁ ମଧ ଆଡ଼ମ୍ବରପୂର୍ଣ୍ଣ କରାଯିବାକୁ ଯୋଜନା ହୋଇଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ୩ ହଜାର ଲୋକଙ୍କୁ ରାଜଭୋଗ ଦିଆଯିବ



ବଇଣ୍ଡାଠାରେ କାର୍ତ୍ତିକେଶ୍ୱର ପୂଜା କିପରି ଧୁମଧାମରେ ପାଳନ ହେବ ସେ ନେଇ ଅଞ୍ଚଳବାସୀ ଏକଜୁଟ ହୋଇଛନ୍ତି। ଚଳିତବର୍ଷ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଗୋଟିଏ ଦିନ ୩ ହଜାର ଲୋକଙ୍କୁ ରାଜ ଭୋଗ ଦିଆଯିବ।

**-ସନ୍ତୋଷ କୁମାର ସାହୁ, ପୂଜା କମିଟି ସଭାପତି**

### ପରମ୍ପରା ସୁରକ୍ଷିତ ରଖିବା ପାଇଁ ଉଦ୍ୟମ



ବଇଣ୍ଡା ଓ ଆଖପାଖ ଅଞ୍ଚଳବାସୀଙ୍କ ସହଯୋଗରେ ଦୀର୍ଘ ବର୍ଷ ହେବ ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ୬୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରୁଛନ୍ତି।

**-ବିନୀତ ସାହା, ପୂଜା କମିଟି ସମ୍ପାଦକ**

### ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ତ୍ତିକେଶ୍ୱର ପୂଜା ବଇଣ୍ଡା ଅଞ୍ଚଳର ବେଶ୍ ପୁରାତନ ପୂଜା। ଅଞ୍ଚଳବାସୀଙ୍କ ଆର୍ଥିକ ସହଯୋଗରେ ଏହି ପୂଜା ପାଳିତ ହୋଇଆସୁଛି। ଚଳିତବର୍ଷ ସ୍ଥାନୀୟ ଅଞ୍ଚଳର କୁନି କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ।

**-ରାଜେନ୍ଦ୍ର ପ୍ରଧାନ, ବଇଣ୍ଡା**

### ପରମ୍ପରା ବଞ୍ଚାଇ ରଖନ୍ତୁ ଯୁବପିଢ଼ି



ପୂର୍ବରୁ କାର୍ତ୍ତିକେଶ୍ୱର ପୂଜା ବେଳେ ଗ୍ରାମର କଳାକାରମାନେ ନାଟକ ପରିବେଷଣ କରୁଥିଲେ। ଏହି ପୂଜା ସହ କାର୍ତ୍ତିକ ମାସରେ ଗାଁରେ ସୃଷ୍ଟି ହେଉଥିବା ଆଧ୍ୟାତ୍ମିକ ପରିବେଶକୁ ଯୁବପିଢ଼ି ବଞ୍ଚାଇ ରଖିବା ଉପରେ ଧ୍ୟାନ ଦେବା ଆବଶ୍ୟକ।

**-ତ୍ରିଲୋଚନ ସାହୁ, ପ୍ରତିଷ୍ଠାତା ସଦସ୍ୟ**

# ୧୨ ମାମଲାର ଶୁଣାଣି କଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା




କ୍ୟାମ୍ପ କୋର୍ଟରେ ମହିଳା କମିଶନ ଅଧ୍ୟକ୍ଷା ମାମଲାର ଶୁଣାଣି କରୁଛନ୍ତି।

**ଅନୁଗୋଳ,୨୯।୧୦(ମାନସ ବିଶ୍ୱାଳ)**

ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ବୁଧବାର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କ୍ୟାମ୍ପ କୋର୍ଟରେ ୩୧ଟି ମାମଲାରେ ପକ୍ଷମାନଙ୍କୁ ଉପସ୍ଥିତ ହେବା ନିମନ୍ତେ ନୋଟିସ ଜାରି କରାଯାଇଥିଲା। ସେଥିରୁ ୧୨ଟି ମାମଲାର ଶୁଣାଣି କରାଯାଇଥିଲା। ୨ଟି ମାମଲାର ଆପୋସ ସମାଧାନ କରାଯାଇଥିଲା। ଗୋଟିଏ ମାମଲାକୁ ତଦନ୍ତ ନିମନ୍ତେ ଢେଙ୍କାନାଳ ଏସ୍‌ପିଙ୍କ ନିକଟକୁ, ୪ ମାମଲାକୁ ଅନୁଗୋଳ ଓ ଢେଙ୍କାନାଳର ଜିଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ, ୨ଟି ମାମଲା ଜିଲା ଆଇନ ସେବା ପ୍ରାଧିକରଣ ନିକଟକୁ ପଠାଯାଇଥିବା ବେଳେ ୩ଟି ମାମଲାରେ ପୁନଃ ନୋଟିସ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଗୋଟିଏ ମାମଲାର ତଦନ୍ତ ନିମନ୍ତେ କାମାକ୍ଷାନଗରକୁ ପଠାଯିବାକୁ ସ୍ଥିର କରାଯାଇଥିଲା। ଏହି ଅବସରରେ ୨ଟି ନୂତନ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଉକ୍ତ କ୍ୟାମ୍ପ କୋର୍ଟରେ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ବନ୍ଦନା ମହାନ୍ତି, ଅରବିନ୍ଦ ପଟ୍ଟନାୟକ, ଦିବାକର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ସହାୟତା କରିଥିଲେ। ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ମାୟାଧର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାରାଣ୍ଡି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ ଉପସ୍ଥିତ ରହି ସହାୟତା କରିଥିଲେ। କମିଶନ ଅଧ୍ୟକ୍ଷା ସର୍କିଟ ହାଉସଠାରେ ପହଞ୍ଚିବା ପରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ବାଘ ପାଦଚିହ୍ନ ଦେଖି ଗ୍ରାମବାସୀ ଭୟଭୀତ



**ବଇଣ୍ଡା, ୨୯।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମରେ ବୁଧବାର ବାଘ ପାଦଚିହ୍ନ ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ କହିଛନ୍ତି, ଗ୍ରାମ ନିକଟରେ ଧଣ୍ଡାତୋପା ଜଙ୍ଗଲ ରହିଛି। ସାତକୋଶିଆ ଜଙ୍ଗଲ ଧଣ୍ଡାତୋପା ରେଞ୍ଜକୁ ଲାଗିଥିବାରୁ ସେଠାରୁ ବାଘ ଏଠାକୁ ପଳାଇ ଆସିଛି। ଉକ୍ତ ବାଘ ମଙ୍ଗଳବାର ରାତିରେ ଗ୍ରାମ ଦେଇ ଯାଇଥିବାରୁ ପାଦଚିହ୍ନ ରହିଛି। ଖବରପାଇ ଧଣ୍ଡାତୋପା ରେଞ୍ଜ ପକ୍ଷରୁ ଏକ ଟିମ୍ ଗ୍ରାମରେ ପହଞ୍ଚି ପାଦଚିହ୍ନ ପରଖିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ଗୌରଚନ୍ଦ୍ର ଦନ୍ତା କହିଛନ୍ତି, କଲରାପତରିଆ ବାଘର ପାଦଚିହ୍ନ ପରି ଲାଗୁଛି। ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

# ଜିଲା ଏସ୍‌ସି ମୋର୍ଚ୍ଚା ଉପସଭାପତିଙ୍କ ବିୟୋଗରେ ଶୋକସଭା



ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ଏମ୍‌ପିଙ୍କ ସହ ଅନ୍ୟ କର୍ମକର୍ତ୍ତା।

**ଅନୁଗୋଳ,୨୯।୧୦(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କିଛିଦିନ ପୂର୍ବେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ଉପ ସଭାପତି ଲଲାଟେନ୍ଦୁ ବେହେରାଙ୍କ ଅକାଳ ବିୟୋଗ ଘଟିଥିବାରୁ ବୁଧବାର ଜିଲା ଭାଜପା କାର୍ଯ୍ୟାଳୟରେ ଶୋକସଭା ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଉପସ୍ଥିତ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ଭାଜପା ଉପ ସଭାପତି ଚୌଧୁରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ, ଅକ୍ଷୟପାଦ ବେହେରା, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଦିଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଭିନ୍ନକ୍ଷମଙ୍କୁ ମିଳୁନି ଟ୍ରାଇ ସାଇକେଲ

## ଜିଲାପାଳଙ୍କ ଠାରେ ଅଭିଯୋଗ



ଭିନ୍ନକ୍ଷମ ମହିଳା ନୀଳାବତୀ।

**ବଇଣ୍ଡା, ୨୯।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ତିତିରାକଟା ଗ୍ରାମର ଭିନ୍ନକ୍ଷମ ମହିଳା ନୀଳାବତୀ ସାହୁଙ୍କୁ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ଯୋଗାଇ ଦିଆଯାଉ ନାହିଁ। ଏ ନେଇ ସେ ଆଠମଲ୍ଲିକ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ନୀଳାବତୀ ବୁଧବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ନୀଳାବତୀ ଉଲ୍ଲେଖ କରିଛନ୍ତି, ସେ ୭୦ ପ୍ରତିଶତ ଭିନ୍ନକ୍ଷମ ଥିବାବେଳେ ଚାଲିପାରୁ ନାହାନ୍ତି। ତେଣୁ ଟ୍ରାଇ ସାଇକେଲଟିଏ ଯୋଗାଇ ଦେବା ପାଇଁ ସେ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନାହିଁ। ବ୍ଲକ ପ୍ରଶାସନ ତାଙ୍କ ଦୁଃଖ ବୁଝୁ ନ ଥିବାରୁ ସେ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ନୀଳାବତୀ ନିବେଦନ କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କହିଛନ୍ତି, ଅଭିଯୋଗ ଉପରେ ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବ।

# ଗୀତ ଗାଇ ପୁରସ୍କୃତ ହେଲେ ସୁଧାଂଶୁବାଳା

**ଅନୁଗୋଳ,୨୯।୧୦(ମାନସ ବିଶ୍ୱାଳ)**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କିଶୋର-କିଶୋରୀ ସମାବେଶରେ ଗୀତ ଗାଇ ପୁରସ୍କୃତ ହୋଇଛନ୍ତି ଅନୁଗୋଳ ସହର ଓଡିଏମ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀ ସୁଧାଂଶୁବାଳା ସାହୁ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କିଶୋରୀମାନଙ୍କ ସଶକ୍ତୀକରଣ ଓ ଦକ୍ଷତା ବିକାଶ ଲକ୍ଷ୍ୟରେ 'ଅଦ୍ୱିକା' ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୧୦ରୁ ୧୪ ଏବଂ ୧୫ରୁ ୧୯ ବୟସ ବର୍ଗରେ ନୃତ୍ୟ, ଗୀତ, ପେଣ୍ଟିଂ ଏବଂ ଷ୍ଟୋରି ଟେଲିଂ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସଫଳ ହୋଇଥିବା ୨୪ ଜଣ କୃତୀ ପ୍ରତିଯୋଗୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରସ୍କୃତ କରିଥିଲେ। ଏହି ଅବସରରେ ଗୀତ ଗାଇ ଅନୁଗୋଳ ଜିଲା ପାଇଁ ସୁନାମ ଅର୍ଜନ କରିବା ସହ ପୁରସ୍କୃତ ହୋଇଥିଲେ ଛାତ୍ରୀ ସୁଧାଂଶୁବାଳା।




ରାଜ୍ୟସ୍ତରୀୟ କିଶୋର-କିଶୋରୀ ସମାବେଶରେ ଉପମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ନିଶା ଓ ସାଇବର କ୍ରାଇମ୍ ସମାଜ ପାଇଁ ଆହ୍ୱାନ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଆଠମଲ୍ଲିକ,୨୯।୧୦(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ଓ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାରେ ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ଯୋଗଦେଇ ନିଶାସେବନ ଓ ସାଇବର କ୍ରାଇମ ବର୍ତ୍ତମାନ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଥିବାରୁ ସମସ୍ତେ ନିଶା ସେବନରୁ ଦୁରେଇ ରହିବା ସହିତ ସାଇବର ଅପରାଧ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ମିଥୁନ ମଲ୍ଲିକ, ପିଏସ୍‌ଆଇ ସବୀର ଉଦ୍ଦିନ ସାଇବର କ୍ରାଇମ୍ ଉପରେ ବୁଝାଇଥିଲେ। ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, କ୍ଷୀରୋଦ ପ୍ରଧାନ, ଚନ୍ଦ୍ରକାନ୍ତ ମଲ୍ଲିକ, ଶ୍ରୀତମ ରଣା, ଅଧ୍ୟାପିକା ପୁନମ ସାହୁ, ପ୍ରିୟଦର୍ଶିନୀ ଭୋକ୍ତାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ହୃଷୀକେଶ ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ବୈଠକରେ ଏଏସ୍‌ଆଇ ମନୋଜ କୁମାର ସାହୁ, ମିଥୁନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସାଇବର କ୍ରାଇମ ଉପରେ ସଚେତନ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଧାଂଶୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ କର୍ମୀମାନଙ୍କ ତରଫରୁ ଦାବିପତ୍ର

**ଅନୁଗୋଳ,୨୯।୧୦(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ସାମାଜିକ କର୍ମୀମାନଙ୍କ ତରଫରୁ ବୁଧବାର ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଦର୍ଶାଯାଇଛି, ଅନୁଗୋଳ ଜିଲା ଓଡ଼ିଶାର ମଧ୍ୟସ୍ଥଳରେ ରହିଛି। ଏହା ମଧ୍ୟଦେଇ ରାଜ୍ୟ ଓ ରାଜ୍ୟ ବାହାରର ସର୍ବାଧିକ ଯାନବାହନ ଚଳାଚଳ କରୁଛି। ଏଥିସହ ଶିଳ୍ପ ରାଜଧାନୀ ଭାବେ ଅନୁଗୋଳ ଜଣାଶୁଣା ଥିବାରୁ ରୋଜଗାର ପାଇଁ ବହୁଆଡୁ ଲୋକ ଏଠାକୁ ଆସିଥାନ୍ତି। ଏଥିସହ ଅନୁଗୋଳ ଦୁର୍ଘଟଣା ପ୍ରବଣ ଓ ଶିଳ୍ପ ବହୁଳ ଅଞ୍ଚଳ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଚଳିତ ବର୍ଷ ଏଠାରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି। ଏଣୁ ଉତ୍ତମ ସେବା ପାଇବା ନିମନ୍ତେ ଏଠାକୁ ଦୈନିକ ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସିଥାନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆଧୁନିକୀକରଣ ଓ ଉନ୍ନତମାନର ଯନ୍ତ୍ରପାତି ସରକାର ଯୋଗାଇଥିଲେ ମଧ୍ୟ ଅନେକ ରୋଗୀ ଏହି ପରୀକ୍ଷା କରିବାରୁ ବଞ୍ଚିତ ରହୁଛନ୍ତି। ବିଶେଷକରି ଏମ୍‌ଆର୍‌ଆଇ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଶେଷଜ୍ଞ ଚିକିତ୍ସକ, ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡରେ ରହିଥିବା ସରକାରୀ ଉପଖଣ୍ଡ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରଙ୍କୁ ଏମ୍‌ଆର୍‌ଆଇ ପରୀକ୍ଷା ନିମନ୍ତେ ପରାମର୍ଶ ଅଧିକାର ଦିଆଯାଉ। ଏଥିସହ ରୋଗୀ ସିଧାସଳଖ ଆସି ଏମ୍‌ଆର୍‌ଆଇ କରିପାରିବାର ବ୍ୟବସ୍ଥା କରାଯାଉ ବୋଲି ସାମାଜିକ କର୍ମୀମାନେ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଓ ପର୍ଶୁରାମ ଦାଶ ଉପସ୍ଥିତ ଥିଲେ।

# ପଞ୍ଚାୟତରେ ଚୋରା ମଦ ବିକ୍ରି ବନ୍ଦ ଦାବି



ଚୋରା ମଦ ରୋକିବା ଦାବି ନେଇ ଅବକାରୀ ବିଭାଗକୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ମହିଳାମାନେ।

**ଅନୁଗୋଳ,୨୯।୧୦ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜେରେଙ୍ଗ ପଞ୍ଚାୟତବାସୀ ବୁଧବାର ପଞ୍ଚାୟତରେ ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ଅବକାରୀ ବିଭାଗକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଚୋରା ମଦ କାରବାର ଯୋଗୁ ପଞ୍ଚାୟତରେ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ଚୋରା ମଦ ବିକ୍ରି ଯୋଗୁ ଆପରାଧିକ କାର୍ଯ୍ୟ ବଢ଼ିବା ସହ ଘରୋଇ ହିଂସା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ମଦ ପିଇ ଲୋକେ ରୋଗଗ୍ରସ୍ତ ହୋଇ ଅକାଳରେ ଜୀବନ ହରାଉଛନ୍ତି। ଫଳରେ ପଞ୍ଚାୟତରେ ବେଆଇନ ମଦ କାରବାର ବନ୍ଦ ନେଇ ମହିଳାମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିଛନ୍ତି। ଗାଁ ଗାଁରେ ମଦ ବିରୋଧୀ ସଚେତନତା ଶୋଭାଯାତ୍ରା କରିବା ସହିତ ସଭାସମିତି କରିଛନ୍ତି। ଏହି କାରବାର ବନ୍ଦ ପାଇଁ ଚୋରା ମଦ ବେପାରୀଙ୍କୁ ମଧ୍ୟ ବାରଣ କରିଛନ୍ତି। ମହିଳାମାନେ ଏକାଠି ହୋଇ ସବୁଦିନ ପାଇଁ ପଞ୍ଚାୟତରେ ଚୋରା ମଦ କାରବାର ବନ୍ଦ କରିବା ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଶ୍ରୀରାମଚରିତ ମାନସ ଓ ପ୍ରବଚନ ମହାଯଜ୍ଞ

**ଆଠମଲ୍ଲିକ,୨୯।୧୦(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ରାମଚରିତ ମାନସ ପାରାୟଣ କମିଟି ତରଫରୁ ୩୬ ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ମଙ୍ଗଳବାରଠାରୁ ଶୁଭାରମ୍ଭ ହୋଇଛି। ବ୍ୟାସ ଭାବେ ପଣ୍ଡିତ ମାନସ ରଞ୍ଜନ ମିଶ୍ର ଓ ସାଥୀ, ପ୍ରବଚକ ଭାବେ ପଣ୍ଡିତ ପ୍ରଶାନ୍ତ ମିଶ୍ର ଓ ଭକ୍ତି ଗୌରବ ସଚ୍ଚିଦାନନ୍ଦ ମହାରାଜ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଥାମୃତ ଉପରେ ପ୍ରବଚନ ଦେଉଛନ୍ତି। କର୍ତ୍ତା ଭାବେ ଅମିୟ କୁମାର ଦାଶ ଓ କଳ୍ପନା ଦାଶ ଦାୟିତ୍ୱ ତୁଲାଉଛନ୍ତି। ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିବ। କମିଟି ସଭାପତି ତୁଳସୀ ଦାଶ ଅଗ୍ରୱାଲ, ସମ୍ପାଦକ ବିରଞ୍ଚି ଦେହୁରୀ, ବରିଷ୍ଠ ସଭ୍ୟ ଅରୁଣ ଦାଶ, ସନ୍ତୋଷ ତ୍ରିପାଠୀ, କୁଲୁ ପ୍ରଧାନ, ମିଲୁ ଭୁକ୍ତା, ସ୍ୱଦେଶ ରଥ, ଚିତ୍ତ ରଞ୍ଜନ ତ୍ରିପାଠୀ, ସୁବାସ ଶତପଥୀଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି।

# କୃଷକ ଉତ୍ପାଦକ ସଂଘଙ୍କ ପାଇଁ ତାଲିମ ଶିବିର




ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ତାଲିମ ଶିବିରରେ ଅଧିକାରୀମାନେ।

**ଅନୁଗୋଳ,୨୯।୧୦(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ଜିଲାସ୍ତରୀୟ କୃଷକ ଉତ୍ପାଦକ ସଂଘମାନଙ୍କ ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ୭ଟି ଏଫପିଓର ୨୫ ଜଣ ମୁଖ୍ୟ ଅଧିକାରୀ, ନିର୍ଦ୍ଦେଶକ ଏବଂ ସଦସ୍ୟ ଶିବିରରେ ଯୋଗ ଦେଇଥିଲେ। ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ପୌରୋହିତ୍ୟ କରିଥିଲାବେଳେ ଜିଲା ଉନ୍ନୟନ ପ୍ରବନ୍ଧକ ନାବାର୍ଡ ଆଶୁତୋଷ ରାୟ ଏବଂ କୃଷି ବଜାର ବିଶେଷଜ୍ଞ ଅଜୟ ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବୈଜ୍ଞାନିକ-ଚାଷୀ ବାର୍ତ୍ତାଳାପ, ନୂତନ ଜ୍ଞାନ କୌଶଳ, ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ବ୍ୟବସାୟ ଯୋଜନା ପ୍ରସ୍ତୁତି, ସାମୂହିକ ଉତ୍ପାଦନ, ନୂତନ ବଜାର ରଣନୀତି, ରାଜ୍ୟ ଭିତରେ ତଥା ବାହାରେ ବଜାର ସୃଷ୍ଟି କରି ଅଧିକ ଲାଭବାନ ହେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହାସହିତ ବିଭିନ୍ନ ବିଭାଗୀୟ ସରକାରୀ ଯୋଜନା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା, ଯାହାର ଲାଭ ଏଫପିଓମାନେ ଉଠାଇ ପାରିବେ। ଏହି ସଭାରେ ଅନୁଗୋଳ ଜିଲାକୁ ରାଜ୍ୟସ୍ତରରେ କଦଳୀ ଚାଷର ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। କୃଷି ସମ୍ପ୍ରସାରଣ ବୈଜ୍ଞାନିକା ସୋନୀତା ରାଣୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରରେ କଦଳୀ ଚାଷର ଉତ୍କର୍ଷ କେନ୍ଦ୍ର ହେବ ଅନୁଗୋଳ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼, ହତ୍ୟା ଧମକ

**ବଇଣ୍ଡା, ୨୯।୧୦ (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ହଣ୍ଡପା ଥାନା ବଡ଼ହୁଲା ଗ୍ରାମର ସସ୍ମିତା ଭୋଇଙ୍କୁ ତାଙ୍କ ସ୍ୱାମୀ ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ବିଶ୍ୱନାଥ ନାୟକ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ସସ୍ମିତା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୦୦/୨୫ରେ ଏକ ମାମଲା ରୁଜୁ କରିଛି। ସସ୍ମିତା ୨୦୨୦ରେ ବିଶ୍ୱନାଥଙ୍କୁ ବିବାହ କରିଥିଲେ। ସେବେଠାରୁ ବିଶ୍ୱନାଥ ଶ୍ୱଶୁର ଘରେ ରହୁଥିଲେ। ହେଲେ କିଛି ମାସ ହେବ ବିନା କାରଣରେ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଯୋଜନା କରୁଛନ୍ତି। କିଛି ଦିନ ତଳେ ସ୍ତ୍ରୀଙ୍କୁ ମାଡ଼ ମାରି ୪୦ ହଜାର ଟଙ୍କା ଓ ସୁନାଗହଣା ନେଇ ପଳାଇ ଯାଇଛନ୍ତି। ଏପରିକି ସେ ଦ୍ୱିତୀୟ ବିବାହ କରିଥିବା ସସ୍ମିତା ଅଭିଯୋଗରେ ଉଲ୍ଲେଖ କରିଥିବା ପୋଲିସ ସୂଚନା ଦେଇଛି।

### ଜଙ୍ଗଲରୁ ଜନ୍ତୁ ଫାଶ ଜବତ



**ଅନୁଗୋଳ,୨୯।୧୦(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ନିଶା ସେକ୍ସନର କର୍ମଚାରୀମାନେ ନିଶା ସଂରକ୍ଷିତ ଜଙ୍ଗଲରେ ଗତ ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ଜନ୍ତୁ ଫାଶ ଜବତ କରିଛନ୍ତି। ଜଙ୍ଗଲ ମଧ୍ୟରେ ଥିବା ୨୦ଟି ଶୁଖିଲା ବାଉଁଶ, ୨୦ଟି କାଚ ବୋତଲ ଏବଂ ପ୍ରାୟ ୪ କିଲୋଗ୍ରାମ ଜିଆଇ ତାର ଜବତ କରାଯାଇଥିଲା। ଏହି ସମସ୍ତ ସାମଗ୍ରୀ ସାଧାରଣତଃ ବେଆଇନ ହୁକିଂ ସହ ଜନ୍ତୁଶିକାର ପାଇଁ ଶିକାରୀମାନେ ବ୍ୟବହାର କରିଥାନ୍ତି। ଅଧିକ ତଦନ୍ତ ପାଇଁ ଜବତ ହୋଇଥିବା ସାମଗ୍ରୀଗୁଡ଼ିକୁ ଅନୁଗୋଳ ରେଞ୍ଜ କାର୍ଯ୍ୟାଳୟକୁ ପଠାଯାଇଛି। ପାଟ୍ରୋଲିଂ ଟିମ୍‌ରେ ଫରେଷ୍ଟର ଲିଜାଲିନ ସାହୁ, ପ୍ରମୋଦିନୀ ଦେହୁରୀ, ମଦନ ସାୟା, ବିନୋଦ ସିଂହ, ତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ବେଆଇନ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ଅନୁଗୋଳ ବନଖଣ୍ଡ ଅଧିକାରୀ ଅନୁରୋଧ କରିଛନ୍ତି।

### ଆକ୍ରମଣରେ ଯୁବକ ଆହତ

**ଅନୁଗୋଳ,୨୯।୧୦ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସଦର ଥାନା କାଙ୍ଗୁଲା ବେନ୍ତପୁର ପଞ୍ଚାୟତ ବାଦିବାହାଲ ଗ୍ରାମରେ ପନିକିରେ ଆକ୍ରମଣ ଯୋଗୁ ଭଜମନ ଗଡ଼ନାୟକଙ୍କ ପୁଅ ସଂଗ୍ରାମ ଗଡ଼ନାୟକ (୨୯) ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବାଦିବାହାଲ ଗ୍ରାମର ସଂଗ୍ରାମ ଗାଡି ଚାଳକ ଭାବେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ସେ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ହଠାତ ୪ ଜଣ ଆସି ତାଙ୍କୁ ପନିକିରେ ଆକ୍ରମଣ କରି ପଳାଇ ଯାଇଥିଲେ। ଖବରପାଇ ସଦର ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ସଂଗ୍ରାମଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ସାଇବର ଠକେଇର ଶିକାର ହୋଇ ହରାଇଲେ ୨ଲକ୍ଷ

**ଅନୁଗୋଳ,୨୯।୧୦(ଜ୍ୟୋତିରଞ୍ଜନ ସାହୁ)**

ହାଟରେ ହଜି ଯାଇଥିବା ଏକ ମୋବାଇଲ ଫୋନ୍ ପାଇ ୨ ଲକ୍ଷ ଟଙ୍କା ଫୋନ ମାଲିକଙ୍କ ଆକାଉଣ୍ଟରୁ ଗାଏବ କରିନେଇଛନ୍ତି ଦୁର୍ବୃତ୍ତ। ସୂଚନା ଅନୁସାରେ, ଗତ ୭ ତାରିଖରେ ମଦନମୋହନପଡ଼ାର ଏମ୍.ଡି. ଅବଦୁଲାଙ୍କ ମୋବାଇଲ ଫୋନ୍ ହଜି ଯାଇଥିଲା। ପରେ ଫୋନ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏହାପରେ ଏକ ନୂଆ ଫୋନ କିଣି ନୂଆ ସିମ୍ ଆଣି ବ୍ୟବହାର କରିଥିଲେ। ଏହାପରେ ସେ ଜାଣିବାକୁ ପାଇଥିଲେ, ତାଙ୍କ ପୁରୁଣା ଫୋନ ବ୍ୟବହାର କରି କେହି ୨ ଲକ୍ଷ ଟଙ୍କା ଆକାଉଣ୍ଟରୁ ଉଠାଇ ନେଇଛି। ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ ଅନୁଗୋଳ ସାଇବର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ପ୍ରସ୍ତାବିତ ମାଙ୍କଡ଼ା ପ୍ରକଳ୍ପ ବିରୋଧରେ ଶୋଭାଯାତ୍ରା




ପ୍ରସ୍ତାବିତ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପ ବିରୋଧରେ ଅଭିଯୋଗ ପାଇଁ ୨୦ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି।

- ୨୦ ଗ୍ରାମର ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ପାଲଲହଡ଼ା,୨୯।୧୦(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ାଠାରେ ପ୍ରସ୍ତାବିତ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ୨୦ ଗ୍ରାମବାସୀ ଜୋର୍‌ଦାର ବିରୋଧ କରିଛନ୍ତି। ଏହି ପ୍ରକଳ୍ପ ବନ୍ଦ କରିବା ପାଇଁ ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଙ୍ଗଠନ ପକ୍ଷରୁ ବୁଧବାର ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଉଦିତନଗରଠାରୁ ଏକ ଶୋଭାଯାତ୍ରାରେ ପାଲଲହଡ଼ା ବଜାର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଲଲହଡ଼ା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, ମାଙ୍କଡ଼ା ପ୍ରସ୍ତାବିତ ନଦୀବନ୍ଧ ଦ୍ୱାରା ପ୍ରଭାବିତ ହୋଇ ୨୦ରୁ ଉର୍ଦ୍ଧ୍ୱ ଗ୍ରାମ ଆଂଶିକ ଜଳମଗ୍ନ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ପାଲଲହଡା ଉପଖଣ୍ଡର ପେଟାମୁଣ୍ଡି, ସଇଡା, ଶିଗଡ ଓ ବନ୍ଧାଭୂଇଁ ପଞ୍ଚାୟତ ସମେତ କେନ୍ଦୁଝର ଜିଲାର ତେଲକୋଇ ବ୍ଲକର ବିଞ୍ଝବାହାଲ ପଞ୍ଚାୟତର ପାଖାପାଖି ୨୦ରୁ ଅଧିକ ଗାଁ ଏହି ପ୍ରକଳ୍ପ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଜଳମଗ୍ନ ହେବ। ଅଞ୍ଚଳବାସୀ ଚାଷ ଉପରେ ନିର୍ଭରଶୀଳ ଥିବାବେଳେ ପ୍ରସ୍ତାବିତ ପ୍ରକଳ୍ପ ଅଧିବାସୀଙ୍କ ଭିଟାମାଟି ସମେତ ଭାତହାଣ୍ଡି ଉଜାଡି ଦେବ। ୧୯୭୩ରେ ରେଙ୍ଗାଳି ବନ୍ଧଦ୍ୱାରା ଦ୍ୱାରା ବିସ୍ଥାପିତ ହୋଇଥିବା ପ୍ରାୟ ୩୦୦ ପରିବାର ଏହି ପଞ୍ଚାୟତରେ ବାସ କରୁଛନ୍ତି। ଦୀର୍ଘ ୫୦ ବର୍ଷ ବିତିଯାଇଥିଲେ ମଧ୍ୟ ବିସ୍ଥାପିତଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ମିଳିନାହିଁ। ସରକାର ଯୋଗାଇଦେଇଥିବା ଜମି କେବଳ କାଗଜ କଲମରେ ସୀମିତ ଅଛି। ଆଜି ପର୍ଯ୍ୟନ୍ତ ସରକାର ସେମାନଙ୍କୁ ଜମିର ଦଖଲ ଦେଇପାରି ନାହାନ୍ତି। ତେଣୁ ସରକାରଙ୍କ ଯୋଜନାକୁ ବିରୋଧ କରି ଜୀବନ ଦେବୁ ପଛେ ଭିଟାମାଟି ଛାଡିବୁ ନାହିଁ ବୋଲି ସଂଗ୍ରାମ ସଙ୍ଗଠନ ସଭାପତି ରତ୍ନାକର ରାଉତ, ସମ୍ପାଦକ ଅକ୍ଷୟ ସାହୁ, ରେଙ୍ଗାଳି ବୁଡି କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଡା. ସନ୍ତୋଷ ଦେହୁରୀ ପ୍ରମୁଖ ପ୍ରକାଶ କରିଥିଲେ। ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଆନ୍ଦୋଳନକୁ ସମର୍ଥନ ଜଣାଇ ଶୋଭାଯାତ୍ରାରେ ଯୋଗଦେଇ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ସଂଗ୍ରାମ ସମିତିର ଦାବି ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ପ୍ରକାଶ କରିଥିଲେ।

# ଶିଶୁଙ୍କ ଅଗ୍ରଗତିରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଛେଣ୍ଡିପଦା,୨୯।୧୦(ଅଜିତ୍ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା ଅନ୍ତର୍ଗତ ମରାଡିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକାର ମାତୃ କର୍ମଶାଳା ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଉପସ୍ଥିତ ମାତୃ ମଣ୍ଡଳୀଙ୍କ ମଧ୍ୟରୁ ଅଭିଭାବିକା ବର୍ଷାରାଣୀ ବେହେରା ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାକୁ ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଗୀତାଞ୍ଜଳୀ ସାହୁ ଓ ରୀତାରାଣୀ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ସଙ୍କୁଳର ସଙ୍କୁଳ ପ୍ରମୁଖ ଦିଲୀପ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ବିଦ୍ୱତ୍ ପରିଷଦର ସଭାପତି ପ୍ରମୋଦ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ଦାସ, ଉପ ସଭାପତି ବାବାଜୀ ପ୍ରଧାନ, ସମ୍ପାଦକ ଜୟକୃଷ୍ଣ ସାହୁ, ସହ ସମ୍ପାଦକ ଲୋକେଶ ନାଏକ, ସଭ୍ୟା ଯୋଗଜନ୍ମା ପ୍ରଧାନ ଓ ସଭ୍ୟ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଅଗ୍ରଗତିରେ ମା'ମାନଙ୍କ ଭୂମିକା ସହ ଶୈକ୍ଷିକ ଉପରେ ମତବ୍ୟକ୍ତ କରିଥିଲେ। ଏହି ମାତୃ କର୍ମଶାଳାରେ ୫୦ରୁ ଅଧିକ ମା' ଅଂଶଗ୍ରହଣ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା', ଗୁରୁଜୀ ଓ ସେବିକା ସେବକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଢେଙ୍କାନାଳ ଏମ୍‌ପିଙ୍କ ସହ ଅନୁଗୋଳ ଜିଲା ଭାଜପା କର୍ମକର୍ତ୍ତା।

**ଅନୁଗୋଳ,୨୯।୧୦(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ସର୍ଦ୍ଦାର ପଟେଲ ଅଖଣ୍ଡ ଭାରତ ସ୍ୱପ୍ନକୁ ବାସ୍ତବତାର ରୂପ ଦେବାକୁ ଦେଶ ମଧ୍ୟରେ ଥିବା ଛୋଟ ଛୋଟ ରାଜ୍ୟକୁ ମିଶ୍ରଣ କରିଥିଲେ। ତେଣୁ ତାଙ୍କ ଜୟନ୍ତୀକୁ ଭଲ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ଭାଜପାର ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ଉପ ସଭାପତି ଚୌଧୁରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ, ଅକ୍ଷୟପାଦ ବେହେରା, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଦିଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

**ଛେଣ୍ଡିପଦା,୨୯।୧୦(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପକ୍ଷରୁ ବୁଧବାର ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଇଏଏସ୍ କସ୍ତୁରୀ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଓ ବ୍ଲକର କର୍ମଚାରୀଙ୍କୁ ନେଇ ଏକ ସଚେତନତା ରାଲି ଛେଣ୍ଡିପଦା ବ୍ଲକରୁ ବାହାରି ବଜାର ପରିକ୍ରମା କରିଥିଲା। ପରେ ବ୍ଲକ ସଭାଗୃହଠାରେ ଆୟୋଜିତ ବୈଠକରେ ଭିଜିଲାନ୍ସ ଡିଏସ୍‌ପି ପ୍ରମୋଦ କୁମାର ସାମଲ, ଭିଜିଲାନ୍ସ ନିରୀକ୍ଷକ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ ସେଠୀ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଗାଁ ଗହଳିର ସରକାରୀ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ସଂଘ, ପଞ୍ଚାୟତସ୍ତରୀୟ ସଂଘ, ବୁଦ୍ଧିଜୀବୀ ମିଳିତ ଭାବେ ସଚେତନ ରହିବା ସହ ସଂକଳ୍ପ ପାଠ କରିଥିଲେ। ଦୁର୍ନୀତି ହେଲେ ୧୦୬୪ରେ ଅଭିଯୋଗ କରିବା ପାଇଁ ସଚେତନତା କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବ ସୁରଭି'



ପୋଡ଼ାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୨୯।୧୦(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୋଡ଼ାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଶତ୍ରୁଘ୍ନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଇଏଏସ୍ କସ୍ତୁରୀ ସା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ସାୟ ଓ ପବିତ୍ର ମୋହନ ଦେହୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଡିଲେଶ୍ୱର ନାୟକ ମଞ୍ଚସୀନ ଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ଓ କନିଷ୍ଠ ବିଭାଗର ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ବ୍ଲକର ୧୭ଟି ଗୋଷ୍ଠୀସାଧନ କେନ୍ଦ୍ରର ୩୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ଟି ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବକ୍ତୃତା, ରଚନା, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ତର୍କ, ଦେଶାତ୍ମବୋଧ ସଙ୍ଗୀତ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଶିକ୍ଷକ ରାମକୃଷ୍ଣ ପରିଚ୍ଛା, ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ୧୦ଟି ଭିନ୍ନଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବେ ସାଧୁଚରଣ ପ୍ରଧାନ, ଦିଲୀପ କୁମାର ସାହୁ, ମହେଶ୍ୱର ସାହୁ, ଅର୍ଜୁନ କୁମାର ମାଝୀ, ପ୍ରଜ୍ଞା ପାରମିତା ପ୍ରଧାନ, ଦେବାର ରଣା, ସରୋଜ କୁମାର ବିଶ୍ୱାଳ, ସ୍ନିଗ୍ଧାରାଣୀ ଶତପଥୀ, ସୁଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ୩୪ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପବିତ୍ର ମୋହନ ଦେହୁରୀ ଓ ହାଡ଼ିବନ୍ଧୁ ସାୟ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ।

# ବୋଲେରୋ ଧକ୍କାରେ ଜଣେ ମୃତ



**ଛେଣ୍ଡିପଦା,୨୯।୧୦(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତ ହରିହରପୁର ଗାଁରେ ବୋଲେରୋ ଧକ୍କାରେ ବୁଧବାର ସେହି ଗ୍ରାମର ମହାପେଶି ବେହେରାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ମହାପେଶି ରାସ୍ତାରେ ଚାଲିଚାଲି ଘରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ବୋଲେରୋ ତାଙ୍କୁ ଧକ୍କାଦେଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ମହାପେଶିଙ୍କ ମୃତ୍ୟୁ ହୋଇଥିଲାବେଳେ ଚାଳକ ଫେରାର ଅଛନ୍ତି। ଦୁର୍ଘଟଣା ପରେ ମୃତକଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବି କରିବା ପରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପାଇଁ ଉଦ୍ୟମ ଚଳାଇଛି।

# ଓଜନ, ମାପର ତନଖି ଦାବି

**ସନ୍ତ୍ରୀଛକ,୨୯।୧୦ (ସନ୍ତୋଷ ପରିଡ଼ା)**



ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ ଖାଉଟି ମାପ ଏବଂ ଓଜନରେ ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି। ଗ୍ରାହକମାନଙ୍କ କହିବା ଅନୁଯାୟୀ, ବଅଁରପାଳ ଅଞ୍ଚଳରେ ଥିବା ବିଭିନ୍ନ ମାର୍କେଟ, ସାପ୍ତାହିକ ହାଟରେ ଥିବା କେତୋଟି ଦୋକାନ, କେତୋଟି ପେଟ୍ରୋଲ ପମ୍ପରେ ମାତ୍ରାଧିକ ଭାବେ ଓଜନରେ ଠକେଇ ହେଉଛି। ଏସବୁ ଦୋକାନରେ ବ୍ୟବସାୟୀ ଠିକ୍ ଓଜନରେ ଜିନିଷ ଦେଉ ନ ଥିବା ଫଳରେ ଗ୍ରାହକ ଠକେଇର ଶିକାର ହେଉଛନ୍ତି। ସେହିପରି କେତୋଟି ପେଟ୍ରୋଲ ପମ୍ପରେ ମଧ୍ୟ ସମଦଶା। ଫଳରେ ଖାଉଟିଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡୁଛି। ମାପ ଓ ଓଜନ ବିଭାଗ ପକ୍ଷରୁ ଏଥିପାଇଁ ଆବଶ୍ୟକ ତନଖି ହେଉ ନ ଥିବାରୁ ସମ୍ପୃକ୍ତ ବ୍ୟବସାୟୀମାନେ ବେପରୁଆ ହୋଇ ପଡିଲେଣି। ସ୍ଥାନୀୟ ଅଞ୍ଚଳର ମାପ ଓ ଓଜନ ବିଭାଗ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ଠିକ୍ ଯାଞ୍ଚ ହେବାର ଆବଶ୍ୟକତା ରହିଛି ବୋଲି ଗ୍ରାହକଙ୍କ ପକ୍ଷରୁ ସନାତନ ସାମଲ, କାଳିଆ ସିଂହ, ରୁଚିର ସାହୁ, ଦେବରାଜ ଲେଙ୍କା, ବିଭୂତି ସାହୁ, ଯତୀନ ଦେହୁରୀ, ବିଘ୍ନେଶ୍ୱର ଦଳବେହେରା, ଅଭୟ ନାୟକ, ସମୀର ସିଂହ, ସନ୍ତୋଷ ସିଂହ ଓ ବୁଲୁ ବେହେରାଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ବନ୍ଧରେ ବିଭାଗୀୟ ଇନ୍ସପେକ୍ଟର ସୌମ୍ୟରଞ୍ଜନ ଘୋଷଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

# ଛେଣ୍ଡିପଦା, ବାଗଡ଼ିଆ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

**ଛେଣ୍ଡିପଦା,୨୯।୧୦(ଅଜିତ ଧଳ)**



ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅବସରରେ ଶପଥପାଠ କରାଯାଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ଓ ବାଗଡିଆ ପୋଲିସ ପକ୍ଷରୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶରେ ବାପୁଜୀ ମହାବିଦ୍ୟାଳୟ ଓ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟଠାରେ ସାଇବର ସୁରକ୍ଷା ଅଭିଯାନ ସହ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ, ଇନ୍ସପେକ୍ଟର ରାଜେଶ ଶତପଥୀ, ସବଇନ୍ସପେକ୍ଟର ଶୁଭଲକ୍ଷ୍ମୀ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଇବର କ୍ରାଇମ ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରତି ମହାବିଦ୍ୟାଳୟ, ବିଦ୍ୟାଳୟ ଛାତ୍ରୀଛାତ୍ର ଓ ସମସ୍ତ ଜନସାଧାରଣ କିପରି ସାଇବର ଠକଙ୍କଠାରୁ ସୁରକ୍ଷିତ ରହିବେ ସେ ସମ୍ପର୍କରେ ଅବଗତ କରାଇବା ସହ ସଚେତନ କରିଥିଲେ। ଥାନା ଅଧିକାରୀ ରାଉତରାୟ ସାଇବର କ୍ରାଇମ ହେବାର କାରଣ ଏବଂ ନିରାକରଣ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଇନ୍ସପେକ୍ଟର ଶତପଥୀ ଡିଜିଟାଲ ଦୁନିଆରେ ସାଇବର କ୍ରାଇମଠାରୁ କିଭଳି ନିଜକୁ ସୁରକ୍ଷିତ ରଖିବା ସେ ନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏକ ସାଇବର ସୁରକ୍ଷା ଅଭିଯାନ ସଚେତନତା ରଥ ମାଧ୍ୟମରେ ସାଇବର କ୍ରାଇମ ଉପରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପୋଲିସ ପଦାଧିକାରୀ, କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

ସେହିପରି ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁଙ୍କ ତତ୍ତ୍ୱାବଧାନରେ ବାଗଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୁଃଶାସନ ବେହେରା, ବାଗଡିଆ ସରପଞ୍ଚ, ବସନ୍ତପୁର ସରପଞ୍ଚ ଲକ୍ଷ୍ମୀ ସାମଲ, ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଚେତନତା ରଥରେ ଭିଡିଓ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଗଡିଆ ଇନ୍ସପେକ୍ଟର ଚଞ୍ଚଳାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

